# NATIONAL NEWS BULLETIN (ODIA)

## 4 February - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ମଣିପୁରରୁ ଆଜି ପ୍ରତ୍ୟାହୃତ ହେଲା ରାଷ୍ଟ୍ରପତି ଶାସନ ।
- ଏକ ବିକଶିତ ଭାରତ ଗଠନ କରିବା ଲାଗି ମହିଳାମାନେ ସ୍ୱାକ୍ଷର ହେବା ସହିତ ଆର୍ଥିକ ସ୍ୱାବଲମ୍ବି ହେବା ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ ।
- ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାର ସୁଫଳ କୃଷି ଭଳି ସମ୍ବେଦନଶୀଳ କ୍ଷେତ୍ରରେ ଉପଲବ୍ଧ କରାଇବା ଦିଗରେ ଯତ୍ନବାନ ଅଛନ୍ତି ସରକାର ରାଜ୍ୟସଭାରେ ବାଣିଜ୍ୟ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ସମ୍ମୁଖରେ ୩୧୧ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି ଆଫ୍‌ଗାନିସ୍ତାନ ।

## ମଣିପୁର-ପ୍ରେଜ୍ ରୁଲ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଣିପୁରରେ ଗତବର୍ଷ ଫେବୃୟାରୀ ୧୩ ତାରିଖରୁ ଜାରି କରାଯାଇଥିବା ରାଷ୍ଟ୍ରପତି ଶାସନକୁ ପ୍ରତ୍ୟାହାର କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ଗେଜେଟ୍ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି । ମଣିପୁରରେ ଭାରତୀୟ ସମ୍ବିଧାନର ଧାରା ୩୫୬ ଅନୁଯାୟୀ ରାଷ୍ଟ୍ରପତି ମୁର୍ମୁଙ୍କ ଦ୍ୱାରା ଗତବର୍ଷ ଜାରି କରାଯାଇଥିବା ରାଷ୍ଟ୍ରପତି ଶାସନକୁ ଆଜିଠାରୁ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରତ୍ୟାହାର କରିନିଆ ଗଲା ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି ।

## ପ୍ରେସିଡେଣ୍ଟ-ଓଡ଼ିଶା

ଦେଶରେ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରାଥମିକତା ଦେଇ ସରକାର କାର୍ଯ୍ୟ କରୁଛନ୍ତି । ସେଥିଲାଗି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ଲାଗି ମହିଳାମାନେ ସ୍ୱାକ୍ଷର ହେବା ସହିତ ଆର୍ଥିକ ସ୍ୱାବଲମ୍ବି ହେବା ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁର ଠାରେ ଆଜି କେତେକ ବିକାଶ ମୂଳକ ପ୍ରକଳ୍ପର ଶୁଭାରମ୍ଭ କରି ସେ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଶିକ୍ଷା ପ୍ରଗତିର ପୁଞ୍ଜି ହୋଇଥିବା ଦୃଷ୍ଟିରୁ ଏ ଦିଗରେ ସରକାର ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏତଦ୍‌ବ୍ୟତୀତ

ଆଦିବାସୀମାନଙ୍କର ଉନ୍ନତି ସହିତ ଦେଶର ଗୌରବମୟ ଇତିହାସର ସଂରକ୍ଷଣ ଲାଗି ମଧ୍ୟ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ସେ କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଶତପ୍ରତିଶତ ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ଉପଲବ୍ଧ କରାଇବା ଲାଗି ଜନସାଧାରଣଙ୍କ ସହଯୋଗ ଓ ସହଭାଗିତା ନିହାତି ଜରୁରୀ ।

ରାଷ୍ଟ୍ରପତି ଆଜି ରାଇରଙ୍ଗପୁରଠାରେ ତୀରନ୍ଦାଜୀ କେନ୍ଦ୍ର, ହଲିଡେ ହୋମ୍, ଆୟୁଷ ଚିକିତ୍ସାଳୟ ତଥା ଆର୍ୟୁବେଦ ମହାବିଦ୍ୟାଳୟ, ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ସହର ସୌନ୍ଦର୍ଯ୍ୟକରଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତିକରଣ, ସାଂସ୍କୃତିକ କେନ୍ଦ୍ର, ରାଇରଙ୍ଗପୁର ମହାବିଦ୍ୟାଳୟରେ ୩୨୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଆର୍‌ଏସ୍‌-ପୀୟୂଷ ଗୋୟଲ

ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ବାଣିଜ୍ୟ ଚୁକ୍ତିନାମାର ସୁଫଳ କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟ ଭଳି ସମ୍ବେଦନଶୀଳ କ୍ଷେତ୍ର ଗୁଡ଼ିକରେ ଯେଭଳି ଉପଲବ୍ଧ ହେବ ସେଦିଗରେ ସରକାର ଯତ୍ନବାନ ଅଛନ୍ତି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ଆଜି ରାଜ୍ୟସଭାରେ ଏ ସମ୍ପର୍କରେ

ଏକ ବିବୃତ୍ତି ଦେଇ ଶ୍ରୀ ଗୋୟଲ କହିଛନ୍ତି, ଏହି ବାଣିଜ୍ୟ ଚୁକ୍ତିନାମା ଦ୍ୱାରା ଏମ୍.ଏସ୍.ଏମ୍.ଇ. କ୍ଷେତ୍ର, ଶିଳ୍ପପତି, ଦକ୍ଷ କାରିଗର ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ଲାଭବାନ ହୋଇପାରିବେ । ଦେଶରେ ଉତ୍ପାଦନ କ୍ଷମତାକୁ ଅଧିକ ସଶକ୍ତ କରିବା ସହିତ ନିଯୁକ୍ତି ସୁଯୋଗକୁ ସମ୍ପ୍ରସାରିତ କରିବା ଦିଗରେ ଏହି ଚୁକ୍ତିନାମା ସହାୟକ ହେବ ।

ସେହିଭଳି ଏହାଦ୍ୱାରା ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଉଭୟ ଦେଶରେ ନୂତନ ବ୍ୟାପାର ଆରମ୍ଭ କରିବା ଦିଗରେ ଏହି ଚୁକ୍ତିନାମା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଶ୍ରୀ ଗୋୟଲ କହିଛନ୍ତି । ସେ କହିଛନ୍ତି, ବାଣିଜ୍ୟ ଚୁକ୍ତିନାମାର ଦସ୍ତାବିଜ ଚୂଡ଼ାନ୍ତ କରିବା ଦିଗରେ ଉଭୟ ଦେଶ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି । ଏହା ସମ୍ପନ୍ନ ହେବା ପରେ ଏହି ରାଜିନାମାର ବିସ୍ତୃତ ତଥ୍ୟ ଘୋଷଣା କରାଯିବ । ଶ୍ରୀ ଗୋୟଲ କହିଛନ୍ତି, ୧୪୦ କୋଟି ଭାରତୀୟଙ୍କର ଶକ୍ତି ଚାହିଦାକୁ ସୁରକ୍ଷିତ ରଖିବା ପ୍ରସଙ୍ଗ ଉପରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ବୋଲି ପୂର୍ବରୁ ସରକାରଙ୍କ ପକ୍ଷରୁ ଅନେକଥର ଘୋଷଣା କରାଯାଇସାରିଛି ।

ଗତ ୨ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ଆମେରିକା ରାଷ୍ଟ୍ରପତିଙ୍କ ମଧ୍ୟରେ ଫୋନ୍ ଯୋଗେ ଆଲୋଚନା ପରେ ଭାରତରୁ ଆମେରିକାକୁ ରପ୍ତାନୀ ହେଉଥିବା ଉତ୍ପାଦ ଉପରେ ଶୁଳ୍କ ହାରକୁ ରାଷ୍ଟ୍ରପତି

ଟ୍ରମ୍ପ ୧୮ ପ୍ରତିଶତକୁ ହ୍ରାସ କରିବା ସମ୍ପର୍କରେ ଘୋଷଣା କରିଛନ୍ତି । ଯାହାକି ଆମେରିକା ପକ୍ଷରୁ ଅନ୍ୟାନ୍ୟ ଦେଶ ଉପରେ ଜାରି କରାଯାଇଥିବା ଶୁଳ୍କଠାରୁ ଅନେକ କମ୍ ବୋଲି ଶ୍ରୀ ଗୋୟଲ କହିଛନ୍ତି ।

**VO-1-PIYUSH-GOYAL-TARIF**

# ପିଏମ୍-ମାଲେସିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୭ ତାରିଖରୁ ଦୁଇ ଦିନିଆ ମାଲେସିଆ ଗସ୍ତରେ ଯିବେ । ତାଙ୍କର ମାଲେସିଆ ପ୍ରତିପକ୍ଷ ଅନଓ୍ୱାର ଇବ୍ରାହିମ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତ କରୁଛନ୍ତି । ଏହା ହେଉଛି ଭାରତ-ମାଲେସିଆ ଦ୍ୱିପକ୍ଷିୟ ସମ୍ପର୍କକୁ ୨୦୨୪ ମସିଆ ଅଗଷ୍ଟରେ ସମନ୍ୱିତ ରଣନୈତିକ ଭାଗିଦାରୀରେ ପରିଣତ କରିବା ପରେ ଶ୍ରୀ ମୋଦୀଙ୍କର ପ୍ରଥମ ତଥା ମାଲେସିଆକୁ ତୃତୀୟ ଗସ୍ତ ।

ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଶ୍ରୀ ମୋଦୀ ତାଙ୍କର ମାଲେସିଆ ପ୍ରତିପକ୍ଷଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଆଲୋଚନା କରିବେ ।

## ଆର୍‌ଏସ୍‌

ଦେଶର ସାମଗ୍ରୀକ ବିକାଶ ଲାଗି ସରକାର ସଂସ୍କାର, ରୂପାନ୍ତରୀକରଣ ଏବଂ ସଫଳ ପ୍ରଦର୍ଶନ ଦୃଷ୍ଟିକୋଣ ସହିତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ରାଜ୍ୟସଭାର ନେତା ଜେ.ପି. ନଡ୍ଡା କହିଛନ୍ତି । ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ସେ ଏହା କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ରାଷ୍ଟ୍ରପତିଙ୍କ ଭାଷଣରେ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ସଫଳତା, ଦେଶର ପୁରାତନ ସଂସ୍କୃତି ଏବଂ ପରମ୍ପରା ସମେତ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ଦେଶର ସଫଳ ଯାତ୍ରା ଉପରେ ଆଲୋକପାତ କରାଯାଇଛି ।

**VO-2-JP-NADDA**

ଅନ୍ୟ ପକ୍ଷରେ ଏହି ଆଲୋଚନାରେ ଭାଗ ନେଇ ରାଜ୍ୟସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଦେଶରେ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ମୋଦୀ ସରକାର ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ।

# ଜେକେ-ଟେରୋରିଷ୍ଟ

ଜାମ୍ମୁ କାଶ୍ମୀରର ଉଦ୍ଧମପୁର ଜିଲ୍ଲା ଅନ୍ତର୍ଗତ ଏକ ଗୁମ୍ଫା ଭିତରେ ସୁରକ୍ଷା କର୍ମୀଙ୍କ ଗୁଳିରେ ଦୁଇ ଜଣ ପାକିସ୍ତାନ ସନ୍ତ୍ରାସବାଦୀ ନିହତ ହୋଇଛନ୍ତି । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଏହି ସନ୍ତ୍ରାସବାଦୀଙ୍କ ମଧ୍ୟରୁ ଜଣେ ଜୈସି ମହମ୍ମଦର ସର୍ବୋଚ୍ଚ କମାଣ୍ଡର ରୁବାନି ଓରଫ୍ ଆବୁ ମାଭିଆ ବୋଲି ଚିହ୍ନଟ କରାଯାଇଛି । ଗୁଇନ୍ଦା ସୂତ୍ରରୁ ଖବର ମିଳିବା ପରେ ସେନା ବାହିନୀ, ପୋଲିସ୍ ଓ ସି.ଆର୍.ପି.ଏଫ୍. ପକ୍ଷରୁ ଗଠିତ ମିଳିତ ସୁରକ୍ଷା ବାହିନୀ ୨୦ ଘଣ୍ଟା ଧରି 'ଅପରେସନ୍ କିଆ' ମାଧ୍ୟମରେ ନିକଟସ୍ଥ ରାମନଗର-ବସନ୍ତଗଡ଼ ଅଞ୍ଚଳରେ ତଲାସୀ ଅଭିଯାନ କରୁଥିବା ବେଳେ ଏହି ସନ୍ତ୍ରାସବାଦୀଙ୍କ ସହିତ ଗୁଳିମିନିମୟ ହୋଇଥିଲା ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# କ୍ରିକେଟ୍

୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ଭାରତ ସମ୍ମୁଖରେ ୩୧୧ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ଜିମ୍ବାୱେର ହରାରେ ଠାରେ ଚାଲିଥିବା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଆଫ୍‌ଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ୍ ହରାଇ ୩୧୦ରନ୍‌ର କରିଛି । ଆଫ୍‌ଗାନିସ୍ତାନ

ପକ୍ଷରୁ ଫୈସାଲ ସିନୋଜାଦା ଓ ଉଜାଇରଉଲ୍ଲା ନିଆଯାଇ ଶତକ ହାସଲ କରିଛନ୍ତି । ଭାରତର ଦୀପେଶ ଦେବେନ୍ଦ୍ରନ୍ ଓ କନିଷ୍କ ଚୌହାନ୍ ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି ।

୩୧୧ରନ୍ ବିଜୟ ଲକ୍ଷ୍ୟର ପିଛା କରି ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ଭାରତ ୩୦ ଓଭରରେ ୨ ଓ୍ୱିକେଟ୍ ହରାଇ ୨୨୯ ରନ୍ କରିଛି ।

ବୁଲାଓ୍ୱେ ଠାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଇଂଲଣ୍ଡ ଗତବର୍ଷର ଚାମ୍ପିୟନ୍ ଅଷ୍ଟ୍ରେଲିୟାକୁ ୨୭ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିସାରିଛି । ଆସନ୍ତା ଶୁକ୍ରବାର ଦିନ ଆଜିର ମ୍ୟାଚ୍‌ର ବିଜେତା ଇଂଲଣ୍ଡକୁ ଫାଇନାଲ୍‌ରେ ଭେଟିବ ।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ବର୍ତ୍ତମାନ ସୁଦ୍ଧା ଅପରାଜିତ ଅଛନ୍ତି । ପୂର୍ବରୁ ଭାରତୀୟ ଦଳ ୨୦୦୦, ୨୦୦୮, ୨୦୧୨, ୨୦୧୮ ଏବଂ ୨୦୨୨ ମସିହାରେ ୫ଥର ଲାଗି ଚାମ୍ପିୟନ୍ ଟାଇଟଲ ହାସଲ କରିଥିବା ବେଳେ ଅଷ୍ଟ୍ରେଲିଆକୁ ଏହି ଟାଇଟଲ ୪ଥର ମିଳିଛି ।